# NATIONAL NEWS BULLETIN (ODIA)
## 6 December - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଭାବିତ ବିମାନଯାତ୍ରୀଙ୍କୁ ଆସନ୍ତାକାଲି ରାତି ୮ଟା ସୁଦ୍ଧା ଅର୍ଥ ଫେରସ୍ତ କରିବାକୁ ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ନିର୍ଦ୍ଦେଶ ।
- ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ସମ୍ପର୍କ ନେଇ କୌଣସି ଦେଶର ମତାମତ ଦେବାର ଅଧିକାର ନାହିଁ – କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ସୀମାପାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କଲେ ଭାରତ ଓ ଆମେରିକା ।
- ଇଣ୍ଡୋନେସିଆରେ ବାତ୍ୟାଜନିତ ବର୍ଷା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୯୦୮କୁ ବୃଦ୍ଧି ।

ଏବଂ

- ବିଶାଖାପାଟଣା ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଜିତିବା ପାଇଁ ଭାରତ ସମ୍ମୁଖରେ ୨୭୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କଲା ଦକ୍ଷିଣ ଆଫ୍ରିକା।

---

## ଏଭିଏସନ୍ ଇଣ୍ଡିଗୋ

ବିମାନଯାତ୍ରୀଙ୍କୁ ଯଥାଶୀଘ୍ର ଭଡ଼ାରାଶି ଫେରସ୍ତ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ'କୁ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ କହିଛି ସମସ୍ତ ବାତିଲ କିମ୍ବା ବାଧାପ୍ରାପ୍ତ ହୋଇଥିବା ବିମାନ ଉଡ଼ାଣ ଜନିତ ପ୍ରଭାବିତ ଯାତ୍ରୀଙ୍କୁ ଆସନ୍ତାକାଲି ରାତି ୮ଟା ସୁଦ୍ଧା ଅର୍ଥରାଶି ଫେରସ୍ତ ପ୍ରକ୍ରିୟା ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରିଛି। ବିମାନ ଉଡ଼ାଣ ବାତିଲ ଦ୍ୱାରା ଯାତ୍ରୀଙ୍କଠାରୁ ପୁନଃନିର୍ଦ୍ଧାରିତ ଶୁଳ୍କ ଆଦାୟ ନ କରିବାକୁ ସମ୍ପୃକ୍ତ ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ଅର୍ଥଫେରସ୍ତ ପ୍ରକ୍ରିୟା ଶେଷ ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅର୍ଥଫେରସ୍ତ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ରିଫଣ୍ଡ ସୁବିଧା କେନ୍ଦ୍ର ଗଠନ କରିବାକୁ ମନ୍ତ୍ରଣାଳୟ ଇଣ୍ଡିଗୋ କମ୍ପାନୀକୁ

କହିଛି। ବିମାନସେବା କ୍ଷେତ୍ରରେ ନିରନ୍ତରତା ନ ହେବା ପର୍ଯ୍ୟନ୍ତ ସ୍ୱୟଂଚାଳିତ ଅର୍ଥଫେରସ୍ତ ବ୍ୟବସ୍ଥା ସକ୍ରିୟ ରହିବ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ବିମାନ ଉଡ଼ାଣ ବାତିଲ କିମ୍ବା ବିଳମ୍ବ ହୋଇଥିବା କ୍ଷେତ୍ରରେ କମ୍ପାନୀ ପାଖରେ ମହଜୁଦ୍ ଥିବା ଯାତ୍ରୀଙ୍କ ବ୍ୟାଗ୍ ଏବଂ ସାମଗ୍ରୀକୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଆବାସିକ କିମ୍ବା ମନୋନୀତ ଠିକଣାରେ ପହଞ୍ଚାଇବାକୁ ମନ୍ତ୍ରଣାଳୟ ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛି। ନିର୍ଦ୍ଧାରିତ ଯାତ୍ରୀ ଅଧିକାର ମାନଦଣ୍ଡ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ କୁହାଯାଇଛି। ବିମାନସେବା ପ୍ରଦାନକାରୀ ସଂସ୍ଥା, ବିମାନ ବନ୍ଦର, ସୁରକ୍ଷା ଏଜେନ୍ସି ଏବଂ ଅନ୍ୟ ଅଂଶୀଦାରଙ୍କ ସହ ନିରନ୍ତର ସମନ୍ୱୟ ମାଧ୍ୟମରେ ଯାତ୍ରୀଙ୍କ ଅଧିକାରକୁ ସୁରକ୍ଷିତ ରଖିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ ତଥା ଜରୁରୀ ଯାତ୍ରା ଆବଶ୍ୟକ କରୁଥିବା ସମସ୍ତ ଯାତ୍ରୀଙ୍କ ସୁବିଧାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

## ଜୟଶଙ୍କର – ଏଚ୍‌ଟି ସମିଟ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଭାରତ ଅନ୍ୟ ଦେଶଗୁଡ଼ିକ ସହିତ କିପରି ସମ୍ପର୍କ ବୃଦ୍ଧି କରିବ ସେ ସମ୍ପର୍କରେ କୌଣସି ରାଷ୍ଟ୍ରର ମତାମତ ଦେବାର ଅଧିକାର ନାହିଁ। ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି ଭୂ-ରାଜନୀତିକ କ୍ଷେତ୍ରରେ ଭାରତର ସ୍ୱାଧୀନତା ସହ ରଣନୈତିକ ସ୍ୱାୟତ୍ତତା ଉପଭୋଗ କରିବାର ଅଧିକାର ପାଇଛି। ଋଷ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ଗସ୍ତ ଆମେରିକା ସହିତ ଭାରତର ସମ୍ପର୍କକୁ ପ୍ରଭାବିତ କରିବା ସମ୍ପର୍କିତ କଳ୍ପନାଜଳ୍ପନାକୁ ଡକ୍ଟର ଜୟଶଙ୍କର ଖଣ୍ଡନ କରିଛନ୍ତି। ଆମେରିକା ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଚାଲିଥିବା ଆଲୋଚନା ଏହାଦ୍ୱାରା ପ୍ରଭାବିତ ହେବନାହିଁ ବୋଲି ଡକ୍ଟର ଜୟଶଙ୍କର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତର ଭୂ-ରାଜନୈତିକ ମହତ୍ୱାକାଂକ୍ଷା ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ନିଜ ସ୍ଥିତିକୁ ଦୃଢ଼ କରିବା ଏବଂ ବିଶ୍ୱସ୍ତରରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ସହଭାଗୀ ସମ୍ପର୍କକୁ ସଶକ୍ତ କରିବା ନେଇ ଭାରତ ପ୍ରୟାସ ଜାରି ରଖିବ।

## ଇଣ୍ଡିଆ ୟୁଏସ୍ ଜେଡବ୍ଲ୍ୟୁଜି

ଭାରତ ଏବଂ ଆମେରିକା ସୀମାପାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ନୂଆଦିଲ୍ଲୀରେ ଭାରତ-ଆମେରିକା ମିଳିତ କାର୍ଯ୍ୟଗୋଷ୍ଠୀ

- 'ଜେଡବ୍ଲ୍ୟୁଜି'ର ୨୧ତମ ବୈଠକ ଆତଙ୍କବାଦୀ ବିରୋଧୀ (ସିଟି) ଏବଂ ସପ୍ତମ ଡେଜିଗନେସନ ଡାଏଲଗ୍ ବୈଠକରେ ଉଭୟପକ୍ଷ ଏହା କହିଛନ୍ତି। ଏଥିରେ ଉଭୟ ପକ୍ଷ ତାଲିମ୍, ସାଇବର ସୁରକ୍ଷା, ସର୍ବୋତ୍ତମ ଅଭ୍ୟାସର ଆଦାନ ପ୍ରଦାନ, ନିରନ୍ତର ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ପ୍ରୟାସ ମାଧ୍ୟମରେ ସୂଚନା ଆଦାନ ପ୍ରଦାନ ସମେତ ବିଭିନ୍ନ ପ୍ରକାର ଆହ୍ୱାନ ବିରୁଦ୍ଧରେ ସହଯୋଗକୁ ମଜଭୁତ୍ କରିବା ପାଇଁ ଆଲୋଚନା କରିଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପରେ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର ଏବଂ ସେମାନଙ୍କୁ ପାଣ୍ଠି ଯୋଗାଣ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ଦେଶ ମତ ବିନିମୟ କରିଛନ୍ତି। ବିଶେଷକରି ଆତଙ୍କବାଦ ଉଦ୍ଦେଶ୍ୟରେ ମାନବବିହୀନ ବାହନ, ଡ୍ରୋନ୍ ଏବଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ନେଇ ଉଭୟ ଦେଶ ଚିନ୍ତା ପ୍ରକଟ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଆତଙ୍କବାଦୀ ବିରୋଧୀ ଯୁଗ୍ମସଚିବ ଡକ୍ଟର ବିନୋଦ ବାହାଡେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିବାବେଳେ ଆମେରିକାର ବୈଦେଶିକ ମନ୍ତ୍ରଣାଳୟର ଆତଙ୍କବାଦ ବିରୋଧୀ ବ୍ୟୁରୋର ବରିଷ୍ଠ ଅଧିକାରୀ ମୋନିକା ଜ୍ୟାକବ୍‌ସେନ୍ ଆମେରିକା ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ।

## ମହାପରିନିର୍ବାଣ ଦିବସ

ଭାରତରତ୍ନ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୭୦ତମ ଶ୍ରାଦ୍ଧବାର୍ଷିକୀରେ ଦେଶ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏହାକୁ ମହାପରିନିର୍ବାଣ ଦିବସ ଭାବେ ପାଳନ କରାଯାଉଛି । ସାରା ଦେଶରେ ଡକ୍ଟର ଆମ୍ବେଦକରଙ୍କ ଦେଶ ନିର୍ମାଣରେ ଅବଦାନକୁ ସ୍ମରଣ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦ ଭବନ ସ୍ଥିତ ପ୍ରେରଣା ସ୍ଥଳରେ ଆଜି ସକାଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବୈଷ୍ଣବ – ଆମ୍ବେଦକର

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କୁ ସମାନତା ଏବଂ ନ୍ୟାୟର ମାର୍ଗଦର୍ଶକ ଥିଲେ ବୋଲି ଅଭିହିତ କରିଛନ୍ତି। ନୂଆଦିଲ୍ଲୀରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ, ବାବାସାହେବଙ୍କ ଅବଦାନ, ସମ୍ବିଧାନ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା, ସମାନତା, ନ୍ୟାୟ ଏବଂ ନିରପେକ୍ଷତା ଉପରେ ପର୍ଯ୍ୟବେସିତ ତାଙ୍କର ଚିନ୍ତାଧାରା ସବୁଦିନ ଚିରସ୍ମରଣୀୟ ହୋଇରହିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

# କ୍ୱାଡ୍ ସିଡବ୍ଲ୍ୟୁଜି ଟେରୋରିଜିମ୍

ଭାରତ, ଜାପାନ, ଅଷ୍ଟ୍ରେଲିଆ ଏବଂ ଆମେରିକା ସୀମାପାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ନିକଟରେ ଲାଲକିଲ୍ଲାରେ ଘଟିଥିବା ଆତଙ୍କବାଦୀ ଘଟଣା ପାଇଁ ମଧ୍ୟ ଏହିସବୁ ରାଷ୍ଟ୍ରଗୁଡ଼ିକ ସମବେଦନା ପ୍ରକାଶ କରିଛନ୍ତି। ଚଳିତ ମାସ ୪ ଏବଂ ୫ ତାରିଖରେ ନୂଆଦିଲ୍ଲୀରେ ସଦସ୍ୟ ରାଷ୍ଟ୍ର ଭାରତ, ଜାପାନ, ଅଷ୍ଟ୍ରେଲିଆ ଏବଂ ଆମେରିକା ମଧ୍ୟରେ ଦୁଇଦିନିଆ ତୃତୀୟ କ୍ୱାଡ୍ କାଉଣ୍ଟର ଟେରୋରିଜିମ୍ ଓ୍ୱାର୍କିଙ୍ଗ ଗ୍ରୁପ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସମୟରେ କ୍ୱାଡ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ବିକାଶ ସମେତ ଆତଙ୍କବାଦ ଭଳି ସ୍ୱର୍ଶକାତର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସଦସ୍ୟ ରାଷ୍ଟ୍ରମାନେ ଭାରତ ପ୍ରଶାନ୍ତ ମହାସାଗରୀୟ ମୁକ୍ତ ଏବଂ ଅବାଧ ଆତଙ୍କବାଦ ଭଳି ବିପଦରୁ ମୁକ୍ତ ରହିବାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମ ସଚିବ ସି.ବି. ଜର୍ଜ ଆତଙ୍କବାଦର ମୁକାବିଲା ପାଇଁ କ୍ୱାଡ୍ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ସାଧାରଣ ସଂକଳ୍ପ ଗଠନ କରିବାର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସଚିବ ଶ୍ରୀ ଜର୍ଜ ସମସ୍ତ କ୍ୱାଡ୍

ସଦସ୍ୟଙ୍କୁ କ୍ୱାଡ୍ CTWGକୁ ଅଧିକ ସ୍ଥିର, ଦୃଢ଼ ଏବଂ କାର୍ଯ୍ୟାଭିମୁଖୀ କରିବା ପାଇଁ ଅନୁରୋଧ କରିଥିଲେ।

## ଇଣ୍ଡୋନେସିଆ ଡେଥ୍ ଟୋଲ୍

ଇଣ୍ଡୋନେସିଆରେ ବାତ୍ୟାଜନିତ ବର୍ଷା ଏବଂ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୯୦୮କୁ ବୃଦ୍ଧି ପାଇଛି। ସୁମାତ୍ରାର ତିନୋଟି ପ୍ରଦେଶରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୪୦୦ରୁ ଅଧିକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଥିବା ଜଣାପଡ଼ିଛି। ଦକ୍ଷିଣ ଥାଇଲାଣ୍ଡ ଏବଂ ମାଲେସିଆରେ ମଧ୍ୟ ବାତ୍ୟାର ପ୍ରଭାବରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଇଣ୍ଡୋନେସିଆର ପରିବେଶ ମନ୍ତ୍ରଣାଳୟ କହିଛି ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣି ଏବଂ ଜଳବିଦ୍ୟୁତ୍ କମ୍ପାନୀଗୁଡ଼ିକର କାର୍ଯ୍ୟକଳାପକୁ ସ୍ଥଗିତ ରଖାଯାଇଛି। ରାଷ୍ଟ୍ରପତି ପ୍ରୋବୋଓ ସୁବିଆଣ୍ଟୋ ଚଳିତ ସପ୍ତାହ ପ୍ରାରମ୍ଭରେ କହିଥିଲେ ପରିସ୍ଥିତିରେ ଉନ୍ନତି ଆସୁଛି ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସନ୍ତୋଷଜନକ ରହିଛି।

## ଆଫଗାନ୍-ପାକ୍ କ୍ଲାସ୍

ପାକିସ୍ଥାନ ଓ ଆଫଗାନିସ୍ଥାନ ସୀମାରେ ଗତରାତିରେ ପ୍ରବଳ ଗୁଳି ବିନିମୟ ହୋଇଛି। ଆଫଗାନିସ୍ଥାନର ତାଲିବାନ୍ ମୁଖପତ୍ର ଜାବିହୁଲ୍ଲା

ମୁଜାହିଦ୍ କହିଛନ୍ତି ପାକିସ୍ତାନୀ ସେନା କାନ୍ଦାହାର ପ୍ରଦେଶର ସ୍ପିନ୍‌ବୋଲଡାକ୍ ଜିଲ୍ଲାରେ ଆକ୍ରମଣ କରିଛନ୍ତି। ଗୁଳି ବିନିମୟରେ ଜଣେ ତାଲିବାନ୍ ସଦସ୍ୟଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ପାକିସ୍ତାନ ଆକ୍ରମଣର ଆଫଗାନିସ୍ତାନ ଜବାବ ଦେଇଛି। କାନ୍ଦାହାର୍ ସୂଚନା ବିଭାଗର ମୁଖ୍ୟ ଅଲ୍ଲୀ ମହମ୍ମଦ ହକମଲ୍ କହିଛନ୍ତି ହାଲୁକା ଏବଂ ଭାରି ତୋପ ମାଧ୍ୟମରେ ପାକିସ୍ତାନ ସେନା କରିଥିବା ଆକ୍ରମଣ ଯୋଗୁଁ ସାଧାରଣ ନାଗରିକଙ୍କ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଆଫଗାନର କେତେକ ଅଞ୍ଚଳରେ ପାକିସ୍ତାନ ପକ୍ଷରୁ ବିମାନ ଆକ୍ରମଣ ହୋଇଥିବା ନେଇ ତାଲିବାନ୍ ସରକାର ମଧ୍ଯ ଅଭିଯୋଗ କରିଛନ୍ତି। ଦୁଇଦେଶ ମଧ୍ୟରେ ହୋଇଥିବା ଗୁଳିବିନିମୟକୁ ଉଭୟ ଦେଶ ସ୍ୱୀକାର କରିବା ସହ ପରସ୍ପର ଉପରେ ଦୋଷାରୋପ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଗତ ସପ୍ତାହରେ ଶାନ୍ତି ଆଲୋଚନା ବିଫଳ ହେବାପରେ ଏଭଳି ଗୁଳିବିନିମୟ ହୋଇଥିବା ଜଣାପଡ଼ିଛି।

## କ୍ରିକେଟ୍

ବିଶାଖାପାଟନମ୍ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତ ସମ୍ମୁଖରେ ୨୭୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି।

ଟସ୍ ଜିତି ଭାରତ ଦକ୍ଷିଣ ଆଫ୍ରିକାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଦକ୍ଷିଣ ଆଫ୍ରିକା ୪୭ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୭୦ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ କ୍ୱିଣ୍ଟନ୍-ଡି-କକ୍ ୧୦୬ ରନ୍ କରିଥିବାବେଳେ ଅଧିନାୟକ ଟେମ୍ବୋ ବଭୁମା ୪୮ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ କୁଳଦୀପ୍ ଯାଦବ୍ ଏବଂ ପ୍ରସିଦ୍ଧକ୍ରିଷ୍ଣା ଉଭୟ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୨୧ ଓଭର ୪ଟି ବଲ୍‌ରେ କୌଣସି ୱିକେଟ୍ ନ ହରାଇ ଭାରତ ସଂଗ୍ରହ କରିଛି ୧୧୧ ରନ୍। ସିରିଜ୍‌ରେ ଏପର୍ଯ୍ୟନ୍ତ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସିରିଜ୍ ସମାନ ସ୍ତରରେ ରହିଛି।

## ପିଆଇବି ଫାକ୍ଟ ଚେକ୍

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କ ନିବେଶ ପ୍ଲାଟଫର୍ମକୁ ପ୍ରୋତ୍ସାହନ ପ୍ରଦାନ ସମ୍ପର୍କିତ ଏକ ସାମାଜିକ ଗଣମାଧ୍ୟମ ଭିଡିଓକୁ ସରକାର ଖଣ୍ଡନ କରିଛନ୍ତି। ପତ୍ର ସୂଚନା ନିର୍ଦ୍ଦେଶାଳୟ - ପିଆଇବିର ତଥ୍ୟ ଯାଞ୍ଚ କେନ୍ଦ୍ର କହିଛି ଯେ ଭିଡିଓଟି ଡିଜିଟାଲ ଭାବରେ ପରିବର୍ତ୍ତନ କରାଯାଇଛି। ଏପରି କୌଣସି ଯୋଜନା ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇନାହିଁ ବୋଲି ଯାଞ୍ଚ କେନ୍ଦ୍ର ସ୍ପଷ୍ଟ କରିଛି। ଏପରି ତଥ୍ୟବିହୀନ ପ୍ରଚାର ପ୍ରତି ସତର୍କ

ରହିବାକୁ ଜନସାଧାରଣଙ୍କୁ ପିଆଇବି ପରାମର୍ଶ ଦେଇଛି। ନାଗରିକମାନଙ୍କୁ ଏ ନେଇ ସରକାରୀ ସୂତ୍ର ସହିତ ଯାଞ୍ଚ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି।